[2009] 6 ଏସ୍ . ସି . ଆର୍ 371

ଓଡ଼ିଶା ରାଜ୍ୟ

ବନାମ

ପ୍ରମୋଦ କୁମାର କୋଡ଼ାମ ସିଂ ଏବଂ ଅନ୍ୟମାନେ

(ଫୌଜଦାରୀ ଆବେଦନ ସଂଖ୍ୟା 1271/2004)

ଏପ୍ରିଲ 15,2009

**[ଡକ୍ଟର ଅରିଜିତ୍ ପଶାୟତ ଏବଂ ଆଶୋକ କୁମାର ଗାଙ୍ଗୁଲି, ନ୍ୟାୟମୂର୍ତ୍ତି ଦ୍ୱୟ ]**

*ଦଣ୍ଡ ସଂହିତା, 1860/ବିସ୍ଫୋରକ ଅଧିନିୟମ, 1884-ଏସ୍ 302 ଆର୍/ଡବ୍ଲ୍ୟୁ ଏସ୍ଏସ୍.149, 148 ଏବଂ 326/ସେ .9 - ଅଭିଯୋଗ ପକ୍ଷ - ମୃତ୍ୟୁକାଳୀନ ଜମାନବନ୍ଦୀ ଏବଂ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣ ଆଧାରରେ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ - ଉଚ୍ଚ ନ୍ୟାୟାଳୟ ଦ୍ୱାରା ଦୋଷ ମୁକ୍ତ ହୋଇ - ଆବେଦନକୁ ଦୃଷ୍ଟିରେ ରଖି : ଉଚ୍ଚ ନ୍ୟାୟାଳୟ କୌଣସି କାରଣ ଦର୍ଶାଇ ନଦେଇ ବିଚାର କରୁଥିବା ନ୍ୟାୟାଳୟର ଉପସଂହାରକୁ ପ୍ରତ୍ୟାଖ୍ୟାନ କରିବାରେ ଭୁଲ କରିଥିଲେ-ଦୋଷୀ ସାବ୍ୟସ୍ତ କାଏମ ।*

**ପ୍ରତିବାଦୀ - ଅଭିଯୁକ୍ତଙ୍କ ବିରୋଧରେ 303 ଆର୍ / ଡବ୍ଲ୍ୟୁ ଏସ୍. 149, 148 ଏବଂ ଆଇ. ପି. ସି. 326 ଧାରା ଏବଂ ବିସ୍ଫୋରକ ଅଧିନିୟମ, 1884 ଧାରା 9 ଅଧୀନରେ ମାମଲା ରୁଜୁ କରାଯାଇଥିଲା । ମୃତ୍ୟୁକାଳୀନ ଜମାନବନ୍ଦୀ ଏବଂ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରତ୍ୟକ୍ଷ ପ୍ରମାଣ ଉପରେ ନିର୍ଭର କରି, ଅଭିଯୁକ୍ତ ହୋଇଥିବା ଅପରାଧ ପାଇଁ ବିଚାର କରୁଥିବା ନ୍ୟାୟାଳୟ ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଉଚ୍ଚ ନ୍ୟାୟାଳୟ ଦୋଷ ମୁକ୍ତି କରିବା ପାଇଁ ଆଦେଶ ପାରିତ କରିଥିଲେ । ତେଣୁ ବର୍ତ୍ତମାନର ଆବେଦନ ।**

**ଆବେଦନକୁ ଅନୁମତି ଦେଇ ନ୍ୟାୟାଳୟ**

**ନିର୍ଣ୍ଣୟ ଯେ : ପ୍ରମାଣରେ ବିଶ୍ୱସନୀୟତା ଏବଂ ଦୃଢତାର ଅଭାବ ରହିଛି ବୋଲି ଅତି ସାଧାରଣ ଅର୍ଥରେ ପର୍ଯ୍ୟବେକ୍ଷଣ କରି ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ଉଚ୍ଚ ନ୍ୟାୟାଳୟଙ୍କ ପାଇଁ ଉନ୍ମୁକ୍ତ ନଥିଲା।ବିଚାର କରୁଥିବା ନ୍ୟାୟାଳୟ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣକୁ ବହୁତ ବିସ୍ତୃତ ଭାବରେ ବିଶ୍ଳେଷଣ କରିଥିଲେ ଏବଂ ଏହାର ଗ୍ରହଣୀୟତା ବିଷୟରେ ଉପସଂହାର ପହଞ୍ଚିଥିଲେ ।ବିଚାର କରୁଥିବା ନ୍ୟାୟାଳୟ ର ସିଦ୍ଧାନ୍ତ କିପରି, କୌଣସି ପ୍ରକାରେ, ଭୁଲ ଥିଲା, ସେ ବିଷୟରେ କୌଣସି ଆଧାର ସୂଚିତ ନକରି, ଉଚ୍ଚ ନ୍ୟାୟାଳୟ ସେହି ଉପସଂହାର ହସ୍ତକ୍ଷେପ କରିବା ଉଚିତ ନୁହେଁ । [ଅନୁଚ୍ଛେଦ 9]**

ଫୌଜଦାରୀ ଅପିଲ ଅଧିକାରିତା :ଫୌଜଦାରୀ ଆବେଦନ ସଂଖ୍ୟା 1271/2004

ମାନ୍ୟବର ଉଚ୍ଚ ନ୍ୟାୟାଳୟ,କଟକ ଓଡ଼ିଶାର ଫୌଜଦାରୀ ଆବେଦନ ସଂଖ୍ୟା 9/1991 ରେ ନ୍ୟାୟପାଳିକାର 05.02.2002 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜନରଞ୍ଜନ ଦାସ , ଏସ୍ ମିଶ୍ର ଏବଂ ପି. ପି. ନାୟକ ।

ପ୍ରତିବାଦୀଙ୍କ ପାଇଁ ସତିଶ ଭିଗ (ଏନ୍ ପି ) ।

**ନ୍ୟାୟମୂର୍ତ୍ତି, ଡ଼ ଅରିଜିତ୍ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା ।

1. ଓଡ଼ିଶା ଉଚ୍ଚ ନ୍ୟାୟଳୟର ଏକ ଖଣ୍ଡପୀଠ ରାୟ, ଧାରା 302 ସହ ଭାରତୀୟ ଦଣ୍ଡ ସଂହିତା, 1860 ର ଧାରା 149,148 ଏବଂ 326 (ସଂକ୍ଷେପରେ 'ଆଇପିସି') ଏବଂ ଭାରତୀୟ ବିସ୍ଫୋରକ ଅଧିନିୟମର ଧାରା 9 (ସଂକ୍ଷେପରେ 'ଅଧିନିୟମ') ଅନୁଯାୟୀ ଅପରାଧ କରିଥିବା ଅଭିଯୋଗରେ ବିଚାରର ସମ୍ମୁଖୀନ ହୋଇଥିବା ତେର ଜଣ ପ୍ରତିବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନକୁ ଅନୁମତି ଦେଇ ଏହି ଆବେଦନ ଦାଖଲ କରଯାଇଛି ।

2. ପ୍ରତିବାଦୀ ସଂଖ୍ୟା 1 ଏବଂ 2 ଆଇ.ପି.ସି. ର ଧାରା 302 ଅନୁଯାୟୀ ଦଣ୍ଡନୀୟ ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ସମସ୍ତ ତେର ଜଣ ଅଭିଯୁକ୍ତଙ୍କୁ ଧାରା 302 ସହ ଜଡ଼ିତ ଅପରାଧ ପାଇଁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଆଇପିସି ଧାରା 148,326 ଏବଂ ଅଧିନିୟମର ଧାରା 9 ଅନୁଯାୟୀ ଦଣ୍ଡନୀୟ ଅପରାଧ ପାଇଁ ପୃଥକ ଦଣ୍ଡାଦେଶ ଲାଗୁ କରାଯାଇ ଥିଲା ।

3. ତଥ୍ୟମୂଳକ ଦୃଷ୍ଟିକୋଣଗୁଡ଼ିକର ବିସ୍ତୃତ ଉଲ୍ଲେଖ ଅନାବଶ୍ୟକ । ମୁଖ୍ୟତଃ ଅଭିଯୋଗ ପକ୍ଷର ବୟାନ ମୃତ ବ୍ୟକ୍ତିଙ୍କ ଦ୍ୱାରା କରାଯାଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀ ଏବଂ ଆହତ ସାକ୍ଷୀ ଅର୍ଥାତ୍ ପିଡବ୍ଲ୍ୟୁ 6,7,8,9,10 ଏବଂ 12 ଙ୍କ ପ୍ରମାଣ ଉପରେ ନିର୍ଭରଶୀଳ | ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଥିଲେ ଯେ ମୃତ୍ୟୁକାଳୀନ ଜମାନବନ୍ଦୀ ( ଅନୁଲଗ୍ନକ 4) ସମ୍ବନ୍ଧୀୟ ପ୍ରମାଣ ଗ୍ରହଣୀୟ ନୁହେଁ କାରଣ ଏହାକୁ ସତ୍ୟ ଏବଂ ସ୍ୱେଚ୍ଛାକୃତ ବୋଲି କୁହାଯାଇପାରିବ ନାହିଁ । ପ୍ରତ୍ୟକ୍ଷଦର୍ଶୀଙ୍କ ସାକ୍ଷ୍ୟକୁ ଯେତେଦୂର ସମ୍ଭବ ବିଚାର କରି , ଉଚ୍ଚ ନ୍ୟାୟାଳୟ ଏହାକୁ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ ସେଗୁଡ଼ିକ ସମାନ ପ୍ରକୃତିର ଥିଲା ଏବଂ ଏକ ଦଳୀୟ କନ୍ଦଳ ଥିବାରୁ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ତଦନୁସାରେ, ଉଚ୍ଚ ନ୍ୟାୟାଳୟ ଦୋଷମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

4. ଉଚ୍ଚ ନ୍ୟାୟାଳୟର ଦୋଷ ମୁକ୍ତି ନିର୍ଦ୍ଦେଶର ରାୟକୁ ଆପତ୍ତି କରି ଏହି ଅବେଦଦନଟି ଦାଖଲ ହୋଇଛି । ଆବେଦନଟି ବିଚାରଧୀନ ସମୟରେ ପ୍ରତିବାଦୀ ସଂଖ୍ୟା 9 କଳ୍ପତରୁ ପାଇକରାୟଙ୍କ ମୃତ୍ୟୁ ଘଟିଛି ଏବଂ ତେଣୁ ତାଙ୍କ ସମ୍ବନ୍ଧରେ ଆବେଦନଟି ସମାପ୍ତ ହୋଇଛି ।

5. ଆବେଦନକାରୀ-ରାଜ୍ୟ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣରେ କୌଣସି ଅଭାବକୁ ନ ଦର୍ଶାଇ ସେମାନଙ୍କ ପ୍ରମାଣସବୁକୁ ଘୋଷିବା ଭଳି ପ୍ରତୀୟମାନ ହେଉଥିବାର କେବଳ ନୀରିକ୍ଷଣ କରିବା ଦ୍ୱାରା ଉଚ୍ଚ ନ୍ୟାୟାଳୟ ସେମାନଙ୍କ ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ଯଥାର୍ଥ ନୁହେଁ ।

6. ମାମଲା ଡାକରା ସମୟରେ ପ୍ରତିବାଦୀମାନଙ୍କ ତରଫରୁ କେହି ଉପସ୍ଥିତି ହୋଇ ନାହାଁନ୍ତି ।

7. ବିଚାର କରୁଥିବା ନ୍ୟାୟାଳୟ ଏକ ବିସ୍ତୃତ ରାୟ ଦ୍ୱାରା ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣ ଉପରେ ବିଚାର କରିଥିଲେ ଏବଂ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଉକ୍ତ ନ୍ୟାୟାଳୟ ଉଲ୍ଲେଖ କରିଥିଲେ ଯେ ଘଟଣା ସ୍ଥଳରେ ଜବତ ହୋଇଥିବା ବିସ୍ଫୋରଣ ହୋଇଥିବା ବୋମାର ଅବଶିଷ୍ଟାଂଶକୁ ରାସାୟନିକ ପରୀକ୍ଷା ପାଇଁ ପଠାଯାଇଥିଲା ଏବଂ ବିବୃତିରେ ଦର୍ଶାଯାଇଥିଲା ଯେ ବୋମାଗୁଡ଼ିକରେ

ପୋଷ୍ଟିୟମ୍ କ୍ଲୋରେଟ୍ ଏବଂ ସଲ୍ଫାଇଟ୍ ରହିଛି । ସେମାନଙ୍କ ମଧ୍ୟରୁ କେତେକ ମୃତ ବ୍ୟକ୍ତିଙ୍କ ସହ ଜଡିତ ଥିଲେ ,ଏହି ତଥ୍ୟକୁ ଧ୍ୟାନରେ ରଖି ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣକୁ ମଧ୍ୟ ବିଶ୍ଳେଷଣ କରାଯାଇଥିଲା । ପ୍ରମାଣଗୁଡ଼ିକ ଦୃଢ଼ ଏବଂ ବିଶ୍ୱସନୀୟ ବୋଲି ଧରାଯାଇଥିଲା । ମାମଲାର ବିଭିନ୍ନ ଦିଗକୁ ଉଲ୍ଲେଖ କରିବା ପରେ, ବିଚାର କରୁଥିବା ନ୍ୟାୟାଳୟ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ।

୮. ଯେପରି ଉପରେ ଉଲ୍ଲେଖ କରାଯାଇଛି, ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଲେ ଯେ ତଥାକଥିତ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣ ଆତ୍ମବିଶ୍ୱାସ ଜାଗ୍ରତ କରେ ନାହିଁ କାରଣ ସେମାନେ ସମାନ ଥିଲେ ଏବଂ ସେଠାରେ ଦଳୀୟ କନ୍ଦଳ ଥିଲା ।

୨. ପ୍ରମାଣରେ ବିଶ୍ୱସନୀୟତା ଏବଂ ଦୃଢତାର ଅଭାବ ରହିଛି ବୋଲି, ଅତି ସାଧାରଣ ଅର୍ଥରେ ପର୍ଯ୍ୟବେକ୍ଷଣ କରି ପ୍ରମାଣକୁ ପ୍ରତ୍ୟାଖ୍ୟାନ କରିବା ଉଚ୍ଚ ନ୍ୟାୟାଳୟ ପାଇଁ ଉପଯୁକ୍ତ ନଥିଲା । ବିଚାର କରୁଥିବା ନ୍ୟାୟାଳୟ ଆହତ ପ୍ରତ୍ୟକ୍ଷଦର୍ଶୀଙ୍କ ପ୍ରମାଣକୁ ବହୁତ ବିସ୍ତୃତ ଭାବରେ ବିଶ୍ଳେଷଣ କରିଥିଲେ ଏବଂ ଏହାର ଗ୍ରହଣୀୟତା ବିଷୟରେ ଉପସଂହାର ପହଞ୍ଚିଥିଲେ । ବିଚାର କରୁଥିବା ନ୍ୟାୟାଳୟର ସିଦ୍ଧାନ୍ତ କିପରି, କୌଣସି ପ୍ରକାରେ, ଭୁଲ ଥିଲା, ସେ ବିଷୟରେ କୌଣସି ଆଧାର ସୂଚିତ ନକରି, ଉଚ୍ଚ ନ୍ୟାୟାଳୟ ସେହି ଉପସଂହାର ହସ୍ତକ୍ଷେପ କରିବା ଉଚିତ ନୁହେଁ । ତେଣୁ, ଆମେ ଏହି ବିବାଦୀୟ ରାୟକୁ ରଦ୍ଦ କରିଛୁ । ବିଚାର କରୁଥିବା ନ୍ୟାୟାଳୟର ରାୟ ପୁନଃସ୍ଥାପିତ ହୋଇଛି । ଅବଶିଷ୍ଟ ଦଣ୍ଡ ଭୋଗିବା ପାଇଁ ପ୍ରତିବାଦୀମାନେ ତୁରନ୍ତ ହେପାଜତରେ ଆତ୍ମ ସମର୍ପଣ କରିବେ ।

10. ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି ।

କେ . କେ . ଟି                    ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇ ନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।

**ଅନୁବାଦକ**

**ସୌମ୍ୟରଂଜନ ବେହେରା ,**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ**